




# ପାତ୍ର ନେଇ ପାଣି ମାପିବା

ଟାଣ ଖରା ହେଉଥାଏ । ସନାତନ ବାବୁ ଘରକୁ ଫେରିଲେ । ଘରେ ପହଞ୍ଚିବା ମାତ୍ରେ ତାଙ୍କ ଝିଅ ରୋଜିକୁ ଡାକିଲେ–"ମାଆ, ମୋ ପାଇଁ ପାଣି ଆଣିଲୁ ।" ରୋଜି ଏକ ଛୋଟ ଗିଲାସରେ ପାଣି ଦେଲା । ଗିଲାସକୁ ଦେଖି ସନାତନ ବାବୁ ହସି କହିଲେ – "ଏତେ କମ୍ ପାଣି ଯା' ବେଶୀ ପାଣି ନେଇ ଆ ।"

ରୋଜି ଏଥର ଟିକିଏ ବଡ଼ ଗିଲାସରେ ପାଣି ଆଣିଲା । ସନାତନ ବାବୁ କହିଲେ–"ତୁ କ'ଣ ଜାଣିନୁ, ବଡ଼ ପାତ୍ରରେ ବେଶି ପାଣି ଧରେ ଓ ଛୋଟ ପାତ୍ରରେ କମ୍ ପାଣି ଧରେ ।" ରୋଜି ଏବେ ଠିକ୍ ବୁଝି ପାରିଲା ।





ଚିତ୍ର ଦେଖି କୁହ –

- କେଉଁଥିରେ ଖୁବ୍ କମ୍ ପାଣି ଧରିବ ? ..................................
- କେଉଁଥିରେ ଅଧିକ ପାଣି ଧରିବ ? ..................................
- ଏମାନଙ୍କ ମଧ୍ୟରୁ କେଉଁ ପାଣିପାତ୍ରଟି ବଡ଼ ? ..................................

- ଆସ, ପାତ୍ରଗୁଡ଼ିକୁ ନେଇ ପାଣି ମାପି ଖେଳିବା ।

ଚିତ୍ର ଅନୁସାରେ, ପ୍ରଥମେ ଅନୁମାନ କରି ସାନପାତ୍ରରେ କେତେ ଥର ପାଣି ଢାଳିଲେ ବଡ଼ ପାତ୍ର ପୂରା ହେବ କହିବା ଓ ପରେ ମାପିକରି ଖାଲିଘରେ ଲେଖିବା ।


| ପାତ୍ର | ଅନୁମାନ ମାପ | ପ୍ରକୃତ ମାପ |
| --- | --- | --- |
| (୧)  | | |
| (୨)  | | |
| (୩)  | | |
| (୪)  | | |

- ଅର୍ଚ୍ଚିତା, ଶେଫାଳୀ ଓ ସୁରେଶ ତିନୋଟି ବିଭିନ୍ନ ଆକାରର ବୋତଲରେ ପାଣି ଆଣି ସମାନ ଆକାର ୩ଟି ଗ୍ଲାସ୍‌ରେ ପାଣି ଢାଳିଲେ । ଚିତ୍ର ଦେଖି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।



(ପ୍ରଥମ ଗ୍ଲାସ୍) (ଦ୍ୱିତୀୟ ଗ୍ଲାସ୍) (ତୃତୀୟ ଗ୍ଲାସ୍)

- କେଉଁ ଗ୍ଲାସ୍‌ରେ ବେଶୀ ପାଣି ଅଛି ? ..............................
- କେଉଁ ଗ୍ଲାସ୍‌ରେ କମ୍ ପାଣି ଅଛି ? ..............................
- କେଉଁ ବୋତଲରେ ଖୁବ୍ କମ୍ ପାଣି ଧରୁଛି ? ..............................
- କେଉଁ ବୋତଲରେ ସବୁଠାରୁ ଅଧିକ ପାଣି ଧରୁଛି ? ..............................



- ମୁଢ଼ି ରଖିବା ପାଇଁ ରିମାକୁ ମା' କହିଲେ। ରିମା ଗିଲାସେ ଗିଲାସେ କରି ବଡ଼ ଟିଣରେ ୧୫ ଗ୍ଲାସ୍ ଓ ସାନ ଟିଣରେ ୮ ଗ୍ଲାସ୍ ମୁଢ଼ି ଭର୍ତ୍ତି କଲା।

ଉତ୍ତର ଲେଖ

- ୧ମ ଟିଣରେ ରିମା କେତେ ଗ୍ଲାସ୍ ମୁଢ଼ି ଭର୍ତ୍ତି କଲା ? ..............................
- ୨ୟ ଟିଣରେ କେତେ ଗ୍ଲାସ୍ ମୁଢ଼ି ଧରିଲା ? ..............................
- କେଉଁ ଟିଣରେ ଅଧିକ ମୁଢ଼ି ଧରିଲା ? ..............................
- ଆମେ ଆଉ କେଉଁ ପାତ୍ରରେ ମୁଢ଼ି ମାପି ପାରିବା ? ..............................



## ଅଭ୍ୟାସ କାର୍ଯ୍ୟ

୧. ତଳେ କେତେଗୁଡ଼ିଏ ଜିନିଷର ନାମ ଦିଆଯାଇଛି। ତା' ଉପରେ କେତେକ ଚିତ୍ର ଦିଆଯାଇଛି। କିଏ କାହା ଭିତରେ ରହେ ଗାର ଟାଣି ଦେଖାଅ।




ତେଲ ଚିନି ପରିବା ବହି ତରକାରୀ

୨. ଯେଉଁ ଜିନିଷ ବ୍ୟବହାର କଲେ ମାପିବା ଶୀଘ୍ର ହେବ, ତା' ପାଖରେ ( ✓ ) ଚିହ୍ନ ଦିଅ । ଯେଉଁଥିରେ ମାପିବା ଅଧିକ ସମୟ ଲାଗିବ, ତା' ପାଖରେ ( ✗ ) ଚିହ୍ନ ଦିଅ ।


(କ)




(ଖ)



(ଗ)






୩. ବିନ୍ଦୁ ଯୋଡ଼

